Krishi Vigyan Kendra
Deogarh
Odisha University of Agriculture & Technology
Bhubaneswar

# ପ୍ରଧାନପାଟ
# Pradhanpat
କୃଷି ସମାଚାର ପତ୍ରିକା
Krushi Samachar Patrika

କୃଷି ବିଜ୍ଞାନ କେନ୍ଦ୍ର
ଦେବଗଡ଼
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର

ତ୍ରୟୋଦଶ ବର୍ଷ | ଏପ୍ରିଲ ୨୦୧୯ - ସେପ୍ଟେମ୍ବର ୨୦୧୯ | ପ୍ରଥମ ସଂଖ୍ୟା


## ଜିଲ୍ଲାରେ ନୂଆ : ଧାନ କିସମ




କଳାଧାନ



ସି.ଆର୍. ଧାନ-୩୧୦



ହସନ୍ତ


ସ୍ୱର୍ଣ୍ଣ ଶ୍ରେୟା



## ମୁଖ୍ୟ ସମ୍ପାଦକଙ୍କ କଲମରୁ...

ଉତ୍ତର ପଶ୍ଚିମ ମାଳ କୃଷି ଜଳବାୟୁ ମଣ୍ଡଳ ଅନ୍ତର୍ଗତ ଦେବଗଡ ଜିଲ୍ଲାର ଅର୍ଥନୀତି ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ । ଏହାର ଶତକଡା ୯୩ ପ୍ରତିଶତ ଲୋକ ଗ୍ରାମରେ ବାସ କରନ୍ତି । ସେମାନେ ନିଜର ଜୀବିକା ନିର୍ବାହ ପାଇଁ ମୁଖ୍ୟତଃ କୃଷି ଉପରେ ନିର୍ଭର କରିଥାନ୍ତି । ଜିଲ୍ଲାର ୫୪ ହଜାର ଗ୍ରାମିଣ କୃଷି ପରିବାର ମଧ୍ୟରୁ ୮୩ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଶ୍ରେଣୀର । ମୋଟ କୃଷି ଜମି ୬୬,୯୫୦ ହେକ୍ଟର ମଧ୍ୟରୁ ୫୨ ପ୍ରତିଶତ ଉଚ୍ଚ ଡିପା କିସମର । ଦୁଇ ତୃତୀୟାଂଶରୁ ଉର୍ଦ୍ଧ୍ୱ ଜମି ଅମ୍ଳୀୟ ହୋଇଥିବାରୁ ପ୍ରାୟ ସବୁ ଫସଲର ଉତ୍ପାଦିକତା ଜାତୀୟ ତଥା ରାଜ୍ୟସ୍ତରରୁ କମ୍ । ତେଣୁ ଜିଲ୍ଲାର ସାମଗ୍ରିକ ବିକାଶ କରିବା ନିମନ୍ତେ କୃଷି କ୍ଷେତ୍ରରୁ ଉତ୍ପାଦିକତା ସହ କୃଷକର ଆୟ ବଢାଇବା ନିହାତି ଜରୁରୀ । ସେଥିପାଇଁ କେବଳ ମୌଳିକ କୃଷି ନୁହେଁ ବରଂ କୃଷି ପରବର୍ତ୍ତୀ ପଦକ୍ଷେପ, ଯଥା ସଂରକ୍ଷଣ, ପ୍ରକ୍ରିୟାକରଣ, ଉତ୍ପାଦନ ଗୋଷ୍ଠି ଗଠନ ନିହାତି ଜରୁରୀ । ଜିଲ୍ଲାର ଭୌଗୋଳିକ ପରିସ୍ଥିତି ଅନୁଯାୟୀ ଏଠି ଗୋପାଳନ, ଉନ୍ନତ ଛେଳି ଓ କୁକୁଡା ପାଳନର ଯଥେଷ୍ଟ ସମ୍ଭାବନା ରହିଛି । ଓଡିଶାର ପ୍ରସିଦ୍ଧ ଫଳଚାଷ ବହୁଳ ଜିଲ୍ଲା ମଧ୍ୟରେ ଦେବଗଡ ଅନ୍ୟତମ । ଫଳ ଏବଂ ପନିପରିବା ଚାଷରୁ ଅଧିକ ଆୟ ପାଇଁ କେବଳ ଉତ୍ପାଦନ ଜ୍ଞାନକୌଶଳ ନୁହେଁ ବଜାର ଅଭିମୂଖୀ କୃଷିକୁ ତ୍ୱରାନ୍ୱିତ କରିବାର ସମୟ ଏବେ ଉପନୀତ । ୨୦୦୬ ମସିହାରୁ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଅଧିନରେ କାର୍ଯ୍ୟକରି ଆସୁଥିବା କୃଷି ବିଜ୍ଞାନ କେନ୍ଦ୍ର କୃଷକ ସଂପ୍ରଦାୟର ସାମଗ୍ରିକ ଉନ୍ନତି କଳ୍ପେ କୃଷି ତଥା ଅନୁସଙ୍ଗିକ କୃଷିରେ ବୈଜ୍ଞାନିକ ଜ୍ଞାନକୌଶଳର ପ୍ରୟୋଗ ପାଇଁ କାର୍ଯ୍ୟକରି ଆସୁଅଛି । ଜିଲ୍ଲାରେ ନୂତନ କିସମର ଟମାଟୋ ପରୀକ୍ଷଣ ହେଉ, ନୂତନ ଅଧିକ ଅମଳକ୍ଷମ ହରଡ କିସମର ସଂପ୍ରସାରଣ ହେଉ ବା କଡକନାଥ ପରି ପୁଷ୍ଟିଯୁକ୍ତ କୁକୁଡା କିସମର ପ୍ରବର୍ତ୍ତନ ସବୁକ୍ଷେତ୍ରରେ କୃଷି ବିଜ୍ଞାନ କେନ୍ଦ୍ର ସଦାସର୍ବଦା ଚେଷ୍ଟିତ । ଆତ୍ମା, ଜିଲ୍ଲା ପଶୁପାଳନ, ମତ୍ସ୍ୟ, ମୃତ୍ତିକା ସଂରକ୍ଷଣ ଇତ୍ୟାଦି ବିଭାଗ ସହ ଉତ୍ତମ ସମନ୍ୱୟ ରକ୍ଷାକରି ପରୀକ୍ଷିତ ନୂତନ ଜ୍ଞାନକୌଶଳକୁ ସର୍ବଦା ଚାଷୀମାନଙ୍କ ପାଖରେ ପହଞ୍ଚାଇ ପାରିବା ନିମନ୍ତେ ଚେଷ୍ଟିତ । ଜିଲ୍ଲାର ପଢୁଆ ଯୁବକ ଓ ଯୁବତୀମାନଙ୍କୁ ଉନ୍ନତ ବୈଷୟିକ ଜ୍ଞାନ ପ୍ରଦାନକରି ସ୍ୱାବଲମ୍ବୀ କରାଇବା ସହ ସେମାନଙ୍କୁ ଜିଲ୍ଲା ଓ ରାଜ୍ୟସ୍ତରରେ ସମ୍ମାନିତ କରାଯାଇଅଛି ଯାହା ଅନ୍ୟମାନଙ୍କୁ ମଧ୍ୟ କୃଷି କ୍ଷେତ୍ରକୁ ଆର୍କଷିତ କରିପାରିବ । କାର୍ଯ୍ୟାଳୟରେ ବିଭିନ୍ନ ପ୍ରଦର୍ଶନ କ୍ଷେତ୍ର ପ୍ରସ୍ତୁତି କରାଯାଇ ଥିବାରୁ ପୁରୁଷ ଓ ମହିଳା ମାନେ ଏଠାରେ ରହି ଚାରା ଉତ୍ପାଦନ, ଛତୁଚାଷ, ମହୁଚାଷ, ଜିଆଖତ ଉତ୍ପାଦନ ଇତ୍ୟାଦି ଉପରେ ତାଲିମ୍ ନେଇ ନିଜ ଜାଗାରେ ବ୍ୟବସାୟିକ ଭିତ୍ତିରେ କୃଷି କରିପାରିଛନ୍ତି । "ପ୍ରଧାନପାଟ" ପତ୍ରିକାର ଏହି ସଂସ୍କରଣ ଗତ ଛଅ ମାସର କାର୍ଯ୍ୟାବଳୀର କିୟଦଂଶର ପ୍ରତିଫଳନ ମାତ୍ର । ଏହା ଜିଲ୍ଲାର ସବୁ ବର୍ଗର ଲୋକମାନଙ୍କ ନିକଟରେ ଆଦୃତ ହେବ ।

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼

## ଉତ୍କୃଷ୍ଟ ମାନର ଧାନ କିସମର ପରୀକ୍ଷଣ : ଦେବଗଡ ଜିଲ୍ଲା ପାଇଁ ନୂତନ

ଜିଲ୍ଲାରେ ଖରିଫ ଋତୁରେ ମୋଟ୍ ୬୬ ହଜାର ହେକ୍ଟର ଚାଷ ଜମିରୁ ୩୪ ହଜାର ହେକ୍ଟର ଜମିରେ କେବଳ ଧାନ ଚାଷ ହୋଇଥାଏ । ପାରମ୍ପରିକ କୃଷି ଏବଂ ଉନ୍ନତ ମାନର ବିହନ ପ୍ରଚଳନର ଅଭାବ ଯୋଗୁଁ ଏହାର ଉତ୍ପାଦିକତା କମ୍ ହୋଇଥାଏ । ଆଦିବାସୀ ବହୁଳ ଏହି ଜିଲ୍ଲାରେ ମଧ୍ୟ ପୁଷ୍ଟିହୀନତା ଏକ ମୁଖ୍ୟ ସମସ୍ୟା ରହିଛି । ଏହି ସମସ୍ୟା ଗୁଡିକୁ ଦୃଷ୍ଟିରେ ରଖି ଏ ବର୍ଷ କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ ତରଫରୁ ଚାରି ଗୋଟି ଉନ୍ନତ ମାନର ଧାନ କିସମର ପରୀକ୍ଷଣ କରାଯିବା ନିମନ୍ତେ ସ୍ଥିର କରାଯାଇଛି । ସେଗୁଡିକ ହେଉଛି ପୁଷ୍ଟିସାରଯୁକ୍ତ ଧାନ କିସମ ସି.ଆର୍. ଧାନ୍-୩୧୦, ମରୁଡି ସହନ କ୍ଷମ ଧାନ କିସମ ସ୍ୱର୍ଣ୍ଣ ଶ୍ରେୟା, ଚକଡା ପ୍ରତିରୋଧୀ ଧାନ କିସମ ହସନ୍ତ ଏବଂ ଉଚ୍ଚ ବଜାର ଚାହିଦା ସଂମ୍ପନ୍ନ କଳା ଧାନ । ଜିଲ୍ଲାର ବିଭିନ୍ନ ବ୍ଲକର ଆଗୁଆ ଚାଷୀ ଓ କୃଷି ବିଜ୍ଞାନ କେନ୍ଦ୍ରର ପୋଷ୍ୟ ଗ୍ରାମ୍ୟ ଗୁଡିକରେ ୨୦୧୯-୨୦ ଖରିଫ୍ ଯୋଜନାରେ ଏହି ପରୀକ୍ଷଣ ଗୁଡିକ ଆରମ୍ଭ କରାଯାଇଛି ।



## ଉନ୍ନତ ମାନର ଲିଚୁ ଉତ୍ପାଦନ ନିମନ୍ତେ ସମନ୍ୱିତ ଖାଦ୍ୟସାର ପରିଚାଳନା

ଓଡ଼ିଶାର ସମୁଦାୟ ୭୧୬୦ ହେକ୍ଟର ମଧ୍ୟରୁ ଦେବଗଡ ଜିଲ୍ଲାରେ କେବଳ ୭୬୦ ହେକ୍ଟର ଲିଚୁ ଚାଷ କରାଯାଇଥାଏ । କିନ୍ତୁ ଉପଯୁକ୍ତ ଖାଦ୍ୟସାର ପରିଚାଳନା ଅଭାବରୁ ଚାଷୀମାନେ ଲିଚୁ ବଗିଚାରୁ ସନ୍ତୋଷଜନକ ଅମଳ ଓ ଉତ୍କୃଷ୍ଟ ମାନର ଲିଚୁ ଉତ୍ପାଦନ କରିପାରିନଥାନ୍ତି । ଏହି ସମସ୍ୟାର ସମାଧାନ ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ ତରଫରୁ ଖିଲେଇ, ବସାଲଇ ଏବଂ ଖଜୁରିଆନାଳି ଗ୍ରାମରେ ଲିଚୁ ଚାଷରେ ସମନ୍ୱିତ ଖାଦ୍ୟସାର ପରିଚାଳନାର ଏକ ପରୀକ୍ଷଣ କରାଯାଇଥିଲା । କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ପ୍ରଦତ୍ତ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡକୁ ବ୍ୟବହାର କରି ଫଳାଫଳ ଅନୁସାରେ ଯବକ୍ଷାରଜାନ, ଫସଫରସ୍ ଏବଂ ପଟାସ୍ ସାର ସହିତ ଲିଚୁ ଚଣି ଧରିବା ଅବସ୍ଥାରେ ୦.୫ ପ୍ରତିଶତ ଜିଙ୍କ୍ ସଲଫେଟ୍ ଏବଂ ୦.୨ ପ୍ରତିଶତ ବୋରାକ୍ସ ପାଉଡରକୁ ଗଛରେ ସ୍ପ୍ରେ କରଯାଇଥିଲା । ଏହାର ଫଳସ୍ୱରୁପ ଲିଚୁରେ ଫଳଫାଟିବା ପ୍ରାୟ ୬୫ ପ୍ରତିଶତ କମାଇ ଦିଆଯାଇ ପାରିଥିଲା । ଉନ୍ନତ ମାନର ଲିଚୁ ଉତ୍ପାଦନ ଯୋଗୁଁ ଏହାର ବଜାର ଚାହିଦା ବୃଦ୍ଧି ପାଇବା ସହ ଚାଷୀ ଅଧିକ ଲାଭ ମଧ୍ୟ ପାଇଥିଲେ ।




## ବାଇଗଣ ଫସଲ୍‌ରେ ଫଳ ଏବଂ କାଣ୍ଡ ବିନ୍ଧା ପୋକର୍ ନିୟନ୍ତ୍ରଣ ନିମନ୍ତେ ଜୈବିକ ଉପାୟରେ କୀଟ ପରିଚାଳନା



ଦେବଗଡ ଜିଲ୍ଲାରେ ବାଇଗଣ ଏକ ମୁଖ୍ୟ ପନିପରିବା । ଜିଲ୍ଲାରେ ପ୍ରାୟ ୯୮୦ ହେକ୍ଟର ବାଇଗଣ ଚାଷ କରାଯାଇଥାଏ । ଫଳ ଏବଂ କାଣ୍ଡ ବିନ୍ଧା ପୋକ ବାଇଗଣ ଫସଲରେ ଏକ ମୁଖ୍ୟ ସମସ୍ୟା । ସମନ୍ୱିତ କୀଟ ପରିଚାଳନାର ଅଭାବରୁ ଚାଷୀମାନେ ଲାଭ ଜନକ ଅମଳ କରିପାରିନଥାନ୍ତି ଯାହା ଫଳରେଆୟରେ ହ୍ରାସ ଘଟିଥାଏ । ଏହା ବ୍ୟତିତ ଏହି ପୋକକୁ ନିୟନ୍ତ୍ରଣ କରିବାକୁ ଚାଷୀ ମାନେ ଅବାରିତ ବିଭିନ୍ନ ଅତିଶୟ ବିଷାକ୍ତ କୀଟନାଶକକୁ ପ୍ରୟୋଗକରି ସେ ସ୍ଥାନର ପରିବେଶକୁ ବିଷାକ୍ତ କରିଦେଇଥାନ୍ତି । ଏହି ସମସ୍ୟାର ସମାଧାନ ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର ଦେବଗଡ ତରଫରୁ ନିକ୍ତିମାଳ ଗ୍ରାମରେ ବାଇଗଣ ଚାଷରେ ସମନ୍ୱିତ କୀଟ ପରିଚାଳନା ଉପରେ ଏକ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଏହି ପରୀକ୍ଷଣରେ ରାସାୟନିକ ନିୟନ୍ତ୍ରଣ ପଦ୍ଧତିକୁ ଛାଡି ଗବେଷଣାରୁ ଉନ୍ନିତ ଜୈବିକ ପଦ୍ଧତିକୁ ଅନୁସରଣ କରାଯାଇଥିଲା । ଏହି ପରୀକ୍ଷଣରେ ଆଜାଟୋବ୍ୟାକ୍ଟର, ଆଜୋସ୍ପିରିଲମ୍ ଏବଂ ପିଏସ୍‌ବି ଜୀବାଣୁ ସାର ହେକ୍ଟର ପିଛା ୪ କେଜି ଲେଖାଏଁ ଗୋବର ଖତ ସହ ମିଶାଇ ପ୍ରୟୋଗ କରାଯାଇଥିଲା । ଏହା ବ୍ୟତିତ ହେକ୍ଟର ପିଛା ୫୦ ଗୋଟି ଟ୍ରାଇକୋକାର୍ଡ ଏବଂ ୨୦ ଗୋଟି ଫେରୋମୋନ୍ ଯନ୍ତା ବ୍ୟବହାର କରାଯାଇଥିଲା । ଉପରୋକ୍ତ ପ୍ରଣାଳୀ ଅବଲମ୍ବନ କରି ଚାଷୀ ନିଜସ୍ୱ ପଦ୍ଧତିରେ ହେକ୍ଟର ପିଛା ୨୯୫ କ୍ୱିଣ୍ଟାଲ୍ ଅମଳ କରୁଥିବା ସମୟରେ ଏହି ପଦ୍ଧତିରେ ହେକ୍ଟର ପିଛା ୩୫୦ କ୍ୱିଣ୍ଟାଲ୍ ପର୍ଯ୍ୟନ୍ତ ଅମଳ କରିପାରିଥଲେ ।

## ତରଭୂଜ ଫସଲ୍‌ରେ ସମନ୍ୱିତ ପୋକ ପରିଚାଳନା



ଓଡ଼ିଶାରେ ସର୍ବମୋଟ ୧୭୭୬୦ ହେକ୍ଟର ମଧ୍ୟରୁ ଦେବଗଡ ଜିଲ୍ଲାରେ କେବଳ ୩୫୦ ହେକ୍ଟର ତରଭୂଜ ଚାଷ କରାଯାଇଥାଏ । ସମନ୍ୱିତ ରୋଗ ଏବଂ ପୋକର ପରିଚାଳନା ଅଭାବରୁ ଚାଷୀମାନେ ତରଭୂଜ ଚାଷରୁ କମ୍ ଅମଳ ପାଇଥାନ୍ତି ଯାହା ସେମାନଙ୍କର ଆୟକୁ ପ୍ରଭାବିତ କରିଥାଏ । ଉକୁଣିଆ ପୋକ ତରଭୂଜ ଚାଷରେ ଏକ ମୁଖ୍ୟ ସମସ୍ୟା ଯାହା ପତ୍ରରୁ ରସ ଶୋଷିକରି ଖାଇଥାଏ ଫଳସ୍ୱରୁପ ଗଛଟି ରୋଗାକ୍ରାନ୍ତ ହୋଇ ଅମଳ ହ୍ରାସ ଘଟିଥାଏ । ଏହି ସମସ୍ୟାର ସମାଧାନ ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ ତରଫରୁ ସୁଗୁଡା ଏବଂ ଖଜୁରିଆନାଳି ଗ୍ରାମରେ ତରଭୂଜ ଚାଷରେ ସମନ୍ୱିତ ରୋଗପୋକ ପରିଚାଳନାର ଏକ ପରୀକ୍ଷଣ କରାଯାଇଥିଲା । ଏହି ପରୀକ୍ଷଣରେ ଶୋଷକ ପୋକର ନିୟନ୍ତ୍ରଣ ନିମନ୍ତେ ଥାୟୋମିଥୋକ୍ସାମ୍ ୦.୪ ଗ୍ରାମ ପ୍ରତି ଲିଟର ପାଣିରେ ପତ୍ର ସିଞ୍ଚନ କରାଯାଇଥିଲା ଏବଂ ଫସଲର ପ୍ରାରମ୍ଭିକ ବୃଦ୍ଧି ଅବସ୍ଥାରୁ ଫୁଲ ଆସିବା ଅବସ୍ଥା ମଧ୍ୟରେ ହେକ୍ଟର ପିଛା ୫୦ ଗୋଟି ହଳଦିଆ ଅଠାଯୁକ୍ତ ଯନ୍ତା ଲଗାଯାଇଥିଲା । ଉପରୋକ୍ତ ଜ୍ଞାନକୌଶଳକୁ ଅବଲମ୍ବନ କରି ଚାଷୀ ନିଜସ୍ୱ ପଦ୍ଧତିରେ ହେକ୍ଟର ପିଛା ୨୮୭ କ୍ୱିଣ୍ଟାଲ୍ ଅମଳ ପାଉଥିବା ସମୟରେ ଏଥିରୁ ୩୬୫ କ୍ୱିଣ୍ଟାଲ୍ ଅମଳ ପାଇପାରିଥିଲେ ।

## ଜିଲ୍ଲାରେ ଜାତୀୟ ପ୍ରାଣୀ ଟୀକାକରଣ ଅଭିଯାନର ଶୁଭାରମ୍ଭ

ତା ୧୧.୦୯.୧୯ ରିଖ କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ କୃଷି ବିଜ୍ଞାନ କେନ୍ଦ୍ର ଓ ପଶୁ ସମ୍ପଦ ବିଭାଗର ମିଳିତ ଆନୁକୂଲ୍ୟରେ ଜାତୀୟ ପଶୁ ରୋଗ ନିରାକରଣ ଏବଂ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ଉଦଘାଟିତ ହୋଇଥିଲା । କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଗ୍ରାମ ଉନ୍ନତି ଅଭିମୁଖେ ନିଆ ଯାଉଥିବା ଯୋଜନା ଉପରେ ଆଲୋକପାତ କରିଥିଲେ । ଏହି ଉପଲକ୍ଷେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାର୍ତ୍ତାର ସିଧାପ୍ରସାରଣର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ପଶୁ ପମ୍ପଦ ଅଧିକାରୀ ଡଃ ରବି ନାରାୟଣ ବେହେରା ତଥା ଅନ୍ୟାନ୍ୟ ବ୍ଲକର ପଶୁ ଚିକିତ୍ସା ଅଧିକାରୀଗଣଙ୍କ ସହ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ କୃଷ୍ଣଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ନିଜ ନିଜର ମତ ଉପସ୍ଥାପନା କରିଥିଲେ । ପ୍ରାୟ ୫୦ଟି ଗାଇ ଓ ଛେଳିକୁ ଫାଟୁଆ ଓ ବନ୍ଧ୍ୟାତ୍ୱ ନିରାକରଣ ଟୀକା ଏହି ଅବସରରେ ପ୍ରଦାନ କରାଯାଇଥିଲା ।



## ମିଶନ ଶକ୍ତି ସହଯୋଗିତାରେ ରୋଜଗାର ଭିତ୍ତିକ ତାଲିମ୍

କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ ଓ ଜିଲ୍ଲା ମିଶନ ଶକ୍ତିର ମିଳିତ ଆନୁକୂଲ୍ୟରେ ପାଳ ଛତୁ ମାଧ୍ୟମରେ ସ୍ୱରୋଜଗାର ଉପରେ ଏକ ୭ ଦିନିଆ ତାଲିମ ଶିବିର ତା ୨୮.୮.୧୯ ରିଖରେ ଉଦଘାଟିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଧରମ ହାଁସଦା ସମାଜର ଅର୍ଥନୈତିକ ଓ ସାଂସ୍କୃତିକ ବିକାଶରେ ପୁରୁଷ ପରି ମହିଳା ମାନଙ୍କର ସମାନ ଭାଗିଦାରୀ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ପାରମ୍ପରିକ କୃଷି ବ୍ୟତିତ ଛତୁ ଚାଷ, ଖାଦ୍ୟ ପ୍ରକ୍ରିୟାକରଣ ଇତ୍ୟାଦି ନୂଆ ନୂଆ ଧନ୍ଦାକୁ ବୈଜ୍ଞାନିକ ଭିତ୍ତିଭୂମି ସହ ପେଶା ଭାବରେ ଗ୍ରହଣ କଲେ ମହିଳାମାନେ ରୋଜଗାରକ୍ଷମ ହୋଇପାରିବେ ବୋଲି ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମାଜ ମଙ୍ଗଳ ଅଧିକାରୀ ରୋଜାଲିନ୍ କେରକେଟା, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ କୃଷ୍ଣଚନ୍ଦ୍ର ପ୍ରଧାନ, ଜିଲ୍ଲା କୃଷି ଅଧିକାରୀ ବାବାଜୀ ଚରଣ ବେହେରା ପ୍ରମୁଖ ଯୋଗଦେଇ ନିଜର ମତ ଉପସ୍ଥାପନା କରିଥିଲେ । ବାରକୋଟ୍ ବ୍ଲକର ୨୫ଜଣ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠିର ମହିଳା ମାନଙ୍କୁ ଛତୁ ଚାଷର ବିଭିନ୍ନ ଦିଗ ଉପରେ ସବିଶେଷ ତାଲିମ୍ ଦିଆଯାଇଥିଲା ସେମାନେ ବିଜୟନଗରରେ ଥିବା ମଡେଲ ଛତୁଚାଷ ଫାର୍ମ ବୁଲି ଆବଶ୍ୟକୀୟ ଜ୍ଞାନକୌଶଳ ହାସଲ କରିଥିଲେ ।




## ବୃହତ୍ ବୃକ୍ଷରୋପଣ ଅଭିଯାନ



କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ ଓ ଇଫକୋର ମିଳିତ ସହଯୋଗରେ ତା୧୮.୯.୨୦୧୯ ରିଖ ଦିନ ରିଆମାଳ ବ୍ଲକ ଅନ୍ତର୍ଗତ କିର୍ତ୍ତନପାଲି ଗ୍ରାମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରକୃତିବନ୍ଧୁ କୁମୁଦ ଚନ୍ଦ୍ର ଶତପଥିଙ୍କ ସମେତ କେନ୍ଦ୍ରର ବୈଜ୍ଞାନିକଗଣ ଏଥିରେ ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା ଓ ମହତ୍ୱ ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ବୃକ୍ଷ ଦେବତାଙ୍କୁ ପୂଜା କରିବା ପରେ ବନ ବିଭାଗଦ୍ୱାରା ଯୋଗାଇ ଦିଆଯାଇଥିବା ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଔଷଧୀୟ ବୃକ୍ଷ ଓ ଫଳନ୍ତି ଗଛ ଗ୍ରାମର ଅନାବାଦି ଜମିରେ ରୋପଣ କରାଯାଇଥିଲା । ଗ୍ରାମର ସମସ୍ତ କୃଷକ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟା ଏଥିରେ ଅଶଂଗ୍ରହଣ କରିଥିଲେ ।

## ବିଭିନ୍ନ ଲୋକାଭିମୂଖୀ କାର୍ଯ୍ୟକ୍ରମ ଉପରେ ସଚେତନତା



କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ ସରକାରଙ୍କର ବିଭିନ୍ନ ଜନାଭିମୁଖୀ କାର୍ଯ୍ୟକ୍ରମକୁ ନିଜ କାର୍ଯ୍ୟକ୍ରମ ସହ ସାମିଲ କରି ଗ୍ରାମିଣ ପରିବେଶ ତଥା ଅର୍ଥନୀତିକୁ ସମୃଦ୍ଧ କରିବାକୁ ଚେଷ୍ଟା କରିଥାଏ । ଇତି ମଧ୍ୟରେ ସରକାରଙ୍କର ଜଳ ସଂରକ୍ଷଣ ଅଭିଯାନ ନିମନ୍ତେ ରିଆମାଳ ବ୍ଲକର କରୋଡପଶି, ତିଲେଇବଣି ବ୍ଲକର ଖଣ୍ଡାଧୁଆଁ ଓ ବାରକୋଟ୍ ର ଇନ୍ଦ୍ରାଣୀଝରଣ ଗ୍ରାମରେ ପାଳିତ ହୋଇଛି । "ସ୍ୱଚ୍ଛତା ହିଁ ସେବା" କାର୍ଯ୍ୟକ୍ରମରେ କେନ୍ଦ୍ରକୁ ସୁସ୍ଥ, ସୁନ୍ଦର ଓ ସବୁଜ ରଖିବା ସହ ବାରକୋଟ୍‌ର ଇନ୍ଦ୍ରାଣୀଝରଣ, ତିଲେଇବଣୀର ବାଙ୍କଦର୍ହ ଓ ରିଆମାଳର କିର୍ତ୍ତନପାଲି ଗ୍ରାମ ଗୁଡିକରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ଲୋକଙ୍କୁ ଏଥିରେ ସାମିଲ୍ କରଯାଇଛି । ପୋଷ୍ୟ ଗ୍ରାମ କିର୍ତ୍ତନପାଲି କୁ ଏକ ଆଦର୍ଶ ସ୍ୱଚ୍ଛ ଗ୍ରାମରେ ପରିଚିତ କରିବାକୁ ପ୍ରଚେଷ୍ଟା ଜାରି ରହିଛି ।

## ସଫଳ ଚାଷୀର ଗାଥା

### ବର୍ଷାଦିନରେ ଟମାଟୋ ଚାଷ ବଢାଇଛି ପ୍ରତିଷ୍ଠା ଓ ସମ୍ମାନ

ଜିଲ୍ଲାର ଉପାନ୍ତ ସୋଡୋ ପଞ୍ଚାୟତର ୨୯ ବର୍ଷର ଆଦିବାସୀ ଯୁବକ ପ୍ରଦୀପ ଲାକ୍ରା ବିଭିନ୍ନ ସ୍ଥାନରୁ ଅସଫଳ ହେବା ପରେ କୌଳିକ ବୃତ୍ତି ଚାଷ କାମରେ ମନୋନିବେଶ କଲେ । ଧାନ ଚାଷ ବ୍ୟତିତ ପାହାଡିଆ ଉଚ୍ଚା ଜମିରେ ବର୍ଷା ଦିନେ ପନିପରିବା କରିବାକୁ ଆଗ୍ରହ ପ୍ରକାଶ କରି ଟମାଟୋ ଚାଷ ଆରମ୍ଭ କଲେ । କୃଷି ବିଜ୍ଞାନ କେନ୍ଦ୍ରରୁ ଅର୍କ କିସମର ବିହନ ସହ, ତଳି ବିଶୋଧନ, ରୋଗ ପୋକ ନିୟନ୍ତ୍ରଣ ଜ୍ଞାନ ସବୁ ହାସଲ କଲେ । ନିଜ ଜମି ଛଡା ଅନ୍ୟ ଜମିକୁ ଲିଜ୍ ସୂତ୍ରରେ ଆଣି ପାଖାପାଖି ୨ ଏକର ଟମାଟୋ ଚାଷ କଲେ, ଅଣରତୀୟ ପରିବା ହୋଇଥିବାରୁ ଭଲ ଦରରେ ବିକ୍ରି କଲେ । ପାଖାପାଖି ୨ ଲକ୍ଷ ୨୦ ହଜାର ଟଙ୍କା ରୋଜଗାର କରି ନିଜ ଗାଁ ଛଡା ଆଖପାଖ ଚାରି ପାଞ୍ଚୋଟି ଗାଁ ପାଇଁ ବିକାଶ ଭିତ୍ତିକ କୃଷିର ରାସ୍ତା ଦେଖାଇଛନ୍ତି ଶ୍ରୀ ଲାକ୍ରା । ଏ ବର୍ଷ ଓଡିଶାର ପ୍ରତିଷ୍ଠିତ ଦୈନିକ ସମ୍ବାଦପତ୍ର ସମାଜର ଶତବାର୍ଷିକୀ ପାଳନ ଅବସରରେ ଶ୍ରେଷ୍ଠ ଯୁବ କୃଷକ ହିସାବରେ ତାଙ୍କୁ ପୁରସ୍କୃତ କରାଯାଇଛି ।



## ସମ୍ବାଦପତ୍ରରେ ଆମେ


ସଫଳ ମଣିଷ ସମନ୍ୱିତ କୃଷିର ନାୟକ


ଜାତୀୟ ପ୍ରାଣୀ ଟିକାକରଣ ଅଭିଯାନ ଆରମ୍ଭ


କୀର୍ତ୍ତନପାଲି ଗ୍ରାମରେ ବୃକ୍ଷରୋପଣ


ଉନ୍ନତ ପାତଳଘଣ୍ଟା ଉତ୍ପାଦନ ତାଲିମ କାର୍ଯ୍ୟକ୍ରମ

## ସଂପାଦନା

**ପ୍ରକାଶକ ଓ ମୁଖ୍ୟ ସମ୍ପାଦକ :**
ଡଃ ସୁଜିତ କୁମାର ନାଥ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ସମ୍ପାଦକ :**
ଶ୍ରୀ ଚିନ୍ମୟ ମିଶ୍ର, କାର୍ଯ୍ୟକ୍ରମ ସହାୟକ (ମୃତ୍ତିକା ବିଜ୍ଞାନ)

**ସମ୍ପାଦନା ମଣ୍ଡଳୀ :**
ଶ୍ରୀ ଲବ ସୋରେନ, ବୈଜ୍ଞାନିକ (ରୋଗପୋକ)
ଶ୍ରୀ ସବ୍ୟସାଚୀ ସାହୁ, ବୈଜ୍ଞାନିକ (କ୍ଷେତ୍ର ବିଜ୍ଞାନ)
ଶ୍ରୀ ବିଶ୍ୱଜିତ୍ ପ୍ରଧାନ, କାର୍ଯ୍ୟକ୍ରମ ସହାୟକ (କମ୍ପ୍ୟୁଟର)
ଶ୍ରୀ ବେଣୁଧର ମହାରଣା, କ୍ଷିପ୍ର ଲେଖକ

**ଯୋଗାଯୋଗ :**
କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼
ପୁରୁଣାଗଡ଼, ଦେଓଗଡ଼, ପିନ୍-୭୬୮୧୧୯
kvkdeogarh.ouat@gmail.com
www.kvkdeogarh.org

This Newsletter is published & Owned by Sr. Scientist and Head, Krishi Vigyan Kendra, Deogarh, Pin.: 768119
e-mail: kvkdeogarh.ouat@gmail.com, Web : www.kvkdeogarhzpdvii.org
Printed at : Information and Communication Centre, Directorate of Extension Education, OUAT, Bhubaneswar-751003

**Chief Editor : Dr. Sujit Kumar Nath**